# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22 August – 2025**

## ଶିକ୍ଷକ ନିଯୁକ୍ତି

ରାଜ୍ୟରେ ଆସନ୍ତା ୩ ବର୍ଷ ମଧ୍ୟରେ ୪୪ ହଜାର ୪୩୩ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ଭୁବନେଶ୍ୱର ଲୋକସେବା ଭବନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

ସ୍କୁଲ୍‌ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ନବମ ଓ ଦଶମ ଶ୍ରେଣୀର ସବୁବର୍ଗର ପିଲାମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ କେବଳ ପ୍ରଥମରୁ ଅଷ୍ଟମଶ୍ରେଣୀ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଛି ।

## ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ପର୍ଯ୍ୟଟନ ବିଭାଗର ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ଏହି ବୁଝାମଣାପତ୍ର ଗୁଡ଼ିକ ରାଜ୍ୟର ଐତିହ୍ୟ ସଂରକ୍ଷଣ, ପର୍ଯ୍ୟଟନର ବିବିଧତା ବିଶ୍ୱସ୍ତରରେ ଏହାର ପ୍ରଭାବ ବିସ୍ତାର

କରିବାରେ ସହାୟକ ହେବ । ପ୍ରକଳ୍ପଗୁଡ଼ିକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## କୃଷି ସିଞ୍ଚାଇ ଯୋଜନା

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା-୨ ଜଳବିଭାଜିକା ଅଧୀନରେ ପାଣି ବ୍ୟବହାର କ୍ଷେତ୍ରରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି ବୋଲି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ଏହି ଯୋଜନାର ସମୀକ୍ଷା କରି ଶ୍ରୀ ଚୌହାନ କହିଛନ୍ତି, ଓଡ଼ିଶା ଅନୁମୋଦିତ ପାଣିର ୮୩ ପ୍ରତିଶତ ବ୍ୟବହାର କରି ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି । ଚଳିତ ଆର୍ଥିକବର୍ଷରେ ଏହି ଯୋଜନା ଅଧୀନରେ ୮୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୭ଟି ଅତିରିକ୍ତ ପ୍ରକଳ୍ପ ମଂଜୁର କରାଯାଇଛି ବୋଲି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି ।

## ଅନ୍‌ଲାଇନ୍ ଗେମିଂ

ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ବିଧେୟକ ୨୦୨୫ ସଂସଦର ଅନୁମୋଦନ ଲାଭ କରିଛି । ରାଜ୍ୟସଭାରେ ଗତକାଲି ଏହି ବିଧେୟକ ପାରିତ ହୋଇଛି । ଇ-କ୍ରୀଡ଼ା ଏବଂ ଅନଲାଇନ ଖେଳକୁ ପ୍ରୋତ୍ସାହିତ କରିବା ସହିତ ସାଧାରଣ ଜନତାଙ୍କୁ ବେଆଇନ ଅର୍ଥ କାରବାରରୁ ସୁରକ୍ଷା ଦେବା ପାଇଁ ଏହି ବିଧେୟକ ଉପଯୋଗୀ ହୋଇପାରିବ । ରାଜ୍ୟସଭାରେ ଏହି ବିଧେୟକକୁ ଉପସ୍ଥାପନ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନଲାଇନ ମନି ଗେମିଂ ଏକ ଜନସ୍ୱାସ୍ଥ୍ୟ ବିପଦ ପାଲଟିଛି । ଏ ସଂପର୍କରେ କଳାହାଣ୍ଡି ଜିଲ୍ଲାର ଶିକ୍ଷାବିତ୍ ପରମେଶ୍ୱର ମୁଣ୍ଡ୍ କହିଛନ୍ତି :

**V/O**

ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନଲାଇନ ଗେମ୍ସରେ ପ୍ରାୟ ୨୦ ହଜାର କୋଟି ଟଙ୍କା ହରାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

---

# ଏମ୍ଏସ୍ଏମ୍ଇ ପାର୍କ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ସମସ୍ତ ଜିଲ୍ଲାରେ ଏମ୍ଏସ୍ଏମ୍ଇ ପାର୍କ ପ୍ରତିଷ୍ଠା କରାଯିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ  ନିର୍ଦ୍ଦେଶ ଦେଇଛନ୍ତି । ଏମ୍ଏସ୍ଏମ୍ଇ କ୍ଷେତ୍ରର ଉତ୍ପାଦିତ ସାମଗ୍ରୀକୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ବ୍ୟବହାର କରିବା ଉପରେ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଛନ୍ତି । ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଯେପରି ଅଧିକ ଋଣ ମିଳିପାରିବ, ସେ ଦିଗରେ ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

---

# ନୂତନ ସହର ପ୍ରକଳ୍ପ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହିତ ସିଙ୍ଗାପୁରସ୍ଥିତ ଅନ୍ତର୍ଜାତୀୟ ପରାମର୍ଶଦାତା ସଂସ୍ଥା ସୁରବନ୍ ଜୁରଙ୍ଗର ଦକ୍ଷିଣ ଏସିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବିନାଶ ମିଶ୍ରା ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଅଭିଷେକ ମାଲହୋତ୍ରା ଗତକାଲି ଲୋକସେବା ଭବନରେ ସାକ୍ଷାତ ଆଲୋଚନା କରିଛନ୍ତି । ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପ ଉପରେ ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିଚାଳିତ ସେବା ଉପରେ ବୈଠକରେ

ଆଲୋଚନା ହୋଇଥିଲା । ରାଜ୍ୟ ସରକାର ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପ ପାଇଁ ପ୍ରାୟ ୩୩୮ ହେକ୍ଟର ଜମି ଚିହ୍ନଟ କରିଛନ୍ତି ।

---

# ଚିକିତ୍ସା

ମାଲକାନଗିରି ଜିଲ୍ଲାରେ ଚଳିତ ସପ୍ତାହ ସୋମବାରରୁ ଗତକାଲି ପର୍ଯ୍ୟନ୍ତ ଚାଲିଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ ୧ ହଜାର ୩୯୮ ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି । ୭ ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ଏହି ଯୋଜନାରେ ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କର ଚିକିତ୍ସା କରିଥିଲେ । ସର୍ବାଧିକ ୪୧୫ ଜଣଙ୍କର ସ୍ନାୟୁରୋଗ ସଂପର୍କିତ ଚିକିତ୍ସା କରାଯାଇଥିଲା ।

---

# ନିର୍ବାଚନ ଆୟୋଗ

ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ସଂପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ ଆୟୋଗ ମଧୁସୂଦନ ପାଢ଼ୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିର୍ବାଚନ ସୁପରିଚାଳନା ପାଇଁ ସମୀକ୍ଷା କରିଛନ୍ତି । ଏଥିରେ ପୁଲିଂ ବୁଥ୍‌ର ସୁରକ୍ଷା ବ୍ୟବସ୍ଥା ଏବଂ ସୁରୁଖୁରୁରେ କିଭଳି ମତଦାନ ପ୍ରକ୍ରିୟା କରାଯିବ, ସେ ଦିଗରେ ଶ୍ରୀ ପାଢ଼ୀ ଆଲୋଚନା କରିଥିଲେ ।

---

# ପ୍ରଫେଟ ମହମ୍ମଦଙ୍କ ଜନ୍ମବାର୍ଷିକ

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଫେଟ୍ ମହମ୍ମଦଙ୍କ ଜନ୍ମବାର୍ଷିକୀ ଉତ୍ସବ ପାଳନ ଉପଲକ୍ଷେ ସ୍ୱତନ୍ତ୍ର ବୈଠକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।  ପୂର୍ବବର୍ଷ ଭଳି ଚଳିତବର୍ଷ ପ୍ରଫେଟ ମହମ୍ମଦଙ୍କର

ଜନ୍ମବାର୍ଷିକ ଉତ୍ସବକୁ ଶାନ୍ତିଶୃଙ୍ଖଳା ଏବଂ ସଦ୍‌ଭାବନାର ସହିତ ପାଳନ କରିବା ପାଇଁ ଜିଲ୍ଲାପାଳ ସମସ୍ତବର୍ଗର ଲୋକମାନଙ୍କର ସହଯୋଗ କାମନା କରିଛନ୍ତି ।

# ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ସକ୍ରିୟ ଥିବାରୁ କଟକ, ଭୁବନେଶ୍ୱର ସମେତ ବାଲେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର ଓ ପୁରୀ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ସୋମବାର ଦିନ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି ।